# ରାଜସ୍ୱ ଗ୍ରାମ ମାନ୍ୟତା, ବିଦ୍ୟୁତ୍ ଲାଇନକୁ ବିରୋଧ


ଅନୁଗୋଳ ବିଧାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି ମହୀଧରପୁର ଅଞ୍ଚଳବାସୀ।

## ବିଧାୟକଙ୍କୁ ଦାବିପତ୍ର ଦେଲେ ମହୀଧରପୁର ଅଞ୍ଚଳବାସୀ

ଅନୁଗୋଳ,୨।୪(ଦିବ୍ୟଶାନ୍ତନୁ ନାଥ)

ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ଦେବା ଏବଂ ଗ୍ରାମ ମଧ ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ ସଂଯୋଗକୁ ବିରୋଧ କରି ବଣ୍ଟଁରପାଳ ବ୍ଲକ ମହୀଧରପୁର ଅଞ୍ଚଳବାସୀ ବୁଧବାର ଅନୁଗୋଳ ବିଧାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମହୀଧରପୁର ପଞ୍ଚାୟତ ଶାଳବଣି ସାହିକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ପାଇଁ ପ୍ରଶାସନିକସ୍ତରରେ ପ୍ରକ୍ରିୟା ଜାରି ରହିଛି। ମାତ୍ର ଏହାଦ୍ୱାରା ଗ୍ରାମର ପାରମ୍ପରିକ ଅଧିକାର ଓ ସୀମା ନିର୍ଦ୍ଧାରଣରେ ଜଟିଳତା ସୃଷ୍ଟି ହେବ। ତେଣୁ ଗ୍ରାମବାସୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେହିପରି ଚାଷ ଜମି ଏବଂ ଗ୍ରାମର ଜନବସତି ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ ନେବା ପାଇଁ ହେଉଥିବା ଯୋଜନାକୁ ନେଇ ମଧ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ହାଇଭୋଲଟେଜ ତାର ଯିବା ଫଳରେ ଭବିଷ୍ୟତରେ ବଡ଼ ଧରଣର ବିପଦ ଘଟିବା ସହ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ବିଧାୟକଙ୍କୁ ଭେଟି ସମସ୍ୟା ବାବଦରେ ଆଲୋଚନା କରିଥିଲେ। ବିଧାୟକ ପ୍ରଧାନ ଗ୍ରାମବାସୀଙ୍କ ଦାବି ଜାଣିବା ପରେ ଏ ସମ୍ପର୍କରେ ଜିଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉପଯୁକ୍ତ ସମାଧାନ କରିବେ ବୋଲି ଆଶ୍ୱାସନା ଦେଇଥିଲେ।

# ଇନ୍ଦିପୁରରେ ସୁନାଦଣ୍ଡ ଶୁଭାରମ୍ଭ



ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ୧୫୮ବର୍ଷର ପରମ୍ପରା ସୁନାଦଣ୍ଡ ଗୁରୁବାର ଆରମ୍ଭ ହୋଇଛି। ୧୩ଦିନ ଧରି ମଧ୍ୟାହ୍ନ ସମୟରେ ଖରାରେ ୬୪ ପ୍ରକାରର ଦଣ୍ଡ ପ୍ରଣାମ ଜଣାଇ ଦଣ୍ଡୁଆମାନେ ଧୂଳିଦଣ୍ଡ କରିବେ । ଇନ୍ଦିପୁର ଗ୍ରାମର ପୁରୁଣା ଗାଁ ଓ ନୂଆସାହି, ଖୁଣ୍ଟୁଝରୀର ଧୂଳିଦଣ୍ଡ ଦେଖିବା ପାଇଁ ଶ୍ରଦ୍ଧାଳୁମାନେ ରୁଣ୍ଡ ହୋଇଥାନ୍ତି । ଖଣ୍ଡିଏ ବେତ ଓ ଦୁଇଖଣ୍ଡ ଗାମୁଛା ଆଭୁଷଣରେ ଦଣ୍ଡୁଆମାନେ ନିଜ ଘର ଛାଡ଼ି ଆସିଥାନ୍ତି ଠାକୁରଙ୍କ ପାଖକୁ ମାନସିକ ପୂରଣ ପାଇଁ । ସ୍ନାନ, ଶୌଚ ନିଷ୍ଠା ବ୍ରତରେ ରହି ଏକନ୍ନ ଭୋଜନ ଓ ପଣାପାନ କରିଥାନ୍ତି । ଅନ୍ତିମ ଦିବସକୁ ମେରୁବ୍ରତ ମାନି ଭକ୍ତମାନେ କୋଇଲେଖା କଣ୍ଟାରେ ଗଡି ନିଜର ବ୍ରତ ଓ ନିଷ୍ଠା ସଫଳ ହେବାର ପ୍ରମାଣ ପାଇଥାନ୍ତି । ମଙ୍ଗଳବାର ନିଶାର୍ଦ୍ଧରେ ମନ୍ଦିରରେ ପୂଜାର୍ଚ୍ଚନା ସହ ୧୩ଭକତାଙ୍କ ମଣି ଡାକରା ସହିତ ଆରମ୍ଭ ହୋଇ ବୁଧବାର ରାତିର ଶୁଭକାଳରେ ଘଟ, କାଳସୀ, ଦଣ୍ଡ, ବେତ, ଝୁଣା ଆଦି ଜଳାଶୟ ନିକଟରେ ପୂଜାପାଇ ମନ୍ଦିରକୁ ଆସିବା ପରେ ଶୁଭାରମ୍ଭ ହୋଇଥିଲା ।

# ସହକାରୀ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



କାମାକ୍ଷାନଗର,୨।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର କଙ୍କଡାହାଡ଼ ବ୍ଲକ ବାମ ପଞ୍ଚାୟତ ଅନ୍ତର୍ଗତ ବନଦୁର୍ଗା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ଖିଲାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ବନଦୁର୍ଗା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ମହାନ୍ତ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାମ ସରପଞ୍ଚ ଫକୀର ଚରଣ ମହାନ୍ତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ କନ୍ଦରାର ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାମ ସମିତି ସଦସ୍ୟା ଲକ୍ଷ୍ମୀ ହେସା, ଓଷ୍ଟାର ପରଜଙ୍ଗ ବ୍ଲକ ସଭାପତି କନୁଆ ସାହୁ, ସମ୍ପାଦକ ଅଶ୍ୱିନୀ ପଣ୍ଡା, କରଗୋଳା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନାୟକ ଦାସ, କେରଯୋଳି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, କୁଟୁରିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ ସାହୁ, କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ଦିବ୍ୟସିଂହ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ । ସହକାରୀ ଶିକ୍ଷକ ତ୍ରିଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳ, ଫୁଲମଣି ସାହୁ, କର୍ମଚାରୀ ବସନ୍ତ କୁମାର ମହାନ୍ତ, ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଗଠିତ

## ସରୋଜକାନ୍ତ ସଭାପତି, ବିଭୂତି ସମ୍ପାଦକ




ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଷ୍ଟା ସଂଘ ଗୃହ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ଏକ ବୈଠକ ସଭାପତି ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ସର୍ବସମ୍ମତି କ୍ରମେ ଏକ କମିଟି ଗଠନ ପାଇଁ ପ୍ରସ୍ତାବ ରଖାଗଲା । ଅଶ୍ୱିନୀ କୁମାର ରାୟ, ଧ୍ରୁବଚରଣ ଗଡନାୟକ, ମୁରଲୀଧର ସାହୁ, ପ୍ରଶାନ୍ତ କୁମାର ମଲ୍ଲିକ, ସଦାନନ୍ଦ ପାଢ଼ୀ, ଓଷ୍ଟା ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଦୁର୍ଗାଚରଣ ମହାପାତ୍ର, ପ୍ରଶାନ୍ତ କୁମାର ଧଳ, ଡ. ଦେବୀ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକସ୍ତରରେ ସଂଗଠନକୁ ମଜଭୁତ କରିବା ପାଇଁ ସଭାପତି ସରୋଜକାନ୍ତ ଦାସ ଓ ଆବାହକ ବିଭୂତି ସାମଲ ଆହ୍ୱାନ ଦେଇଥିଲେ। ସର୍ବସମ୍ମତି କ୍ରମେ ଏକ ସ୍ଥାୟୀ ପରିଚାଳନା କମିଟି ଗଠନ କରାଗଲା। ସଭାପତି ଭାବେ ସରୋଜକାନ୍ତ ଦାଶ, କାର୍ଯ୍ୟକାରୀ ସଭାପତି ଡ. ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଧ୍ରୁବଚରଣ ଗଡନାୟକ, ସମ୍ପାଦକ ବିଭୂତି ସାମଲ, ଯୁଗ୍ମ ସମ୍ପାଦକ ସଦାନନ୍ଦ ସାହୁ ଓ କୃପାସିନ୍ଧୁ ବେହେରା, ଉପଦେଷ୍ଟା ଭାବେ ଦୁର୍ଗାଚରଣ ମହାପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀ ଓ ପ୍ରଶାନ୍ତ କୁମାର ଧଳ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶ୍ୱିନୀ ରାୟ, ଚତୁର୍ଭୁଜ ମଲ୍ଲିକ, ସଦାନନ୍ଦ ପାଢୀ ଓ ପ୍ରେମାନନ୍ଦ ଜେନା ପ୍ରମୁଖ ମନୋନୀତ ହୋଇଥିଲେ । ଶୁଭସ୍ମିତା ବେଉରା, ପ୍ରେମାନନ୍ଦ ଜେନା, ଗିରିଶଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଶ୍ୱିନୀ କୁମାର ରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମାତୃଭୂମି ଓ ମାତୃଭାଷା ଆମର ପରିଚୟ

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିସରରେ ବୁଧବାର ଉତ୍କଳ ଦିବସ ପାଳିତ ହୋଇଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କର୍ମବୀର ଗୌରୀଶଙ୍କର ଓ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ଯୋଗଦେଇ, ସଂସ୍କୃତି, ପରମ୍ପରା, ମାତୃଭୂମି ଓ ମାତୃଭାଷା ଆମର ପରିଚୟ । ଏହାକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଦିବସର ମହତ୍ୱ ଓ ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ରମାକାନ୍ତ ପାଳିତ, ଉତ୍ସବ ନାୟକ, ଦିବ୍ୟରଞ୍ଜନ ନାୟକ, ଶଶିଭୂଷଣ ଶତପଥୀ, କୈଳାସ ନାୟକ, ପ୍ରଭାତ ତରାଇ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ମମତାମୟୀ, ବନଜାବାଳା ରାଉତ, ଲିମନ, ଲିସା ପତି, ପଲିଶ୍ରୀ ରାଉତ, ମିନତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।


ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ।

# ବରା ଦିବସ ପାଳନ ପ୍ରସ୍ତୁତି ବୈଠକ


ବରା ଦିବସ ପାଳନ ପ୍ରସ୍ତୁତି ବୈଠକରେ ପରିଚାଳନା କମିଟି ସଦସ୍ୟବୃନ୍ଦ।

ଢେଙ୍କାନାଳ,୨।୪(ରତନ ନାୟାର)

ଆସନ୍ତା ୭ ତାରିଖରେ ବରା ଦିବସ ପାଳନ ନିମନ୍ତେ ହନୁମାନ ବାଟିକା ପରିଚାଳନା କମିଟି ପକ୍ଷରୁ ପିଡକୁଡ଼ି ଡାକବଙ୍ଗଳାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଖବରଦାତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ବରିଷ୍ଠ ନାଟ୍ୟକାର ଶତ୍ରୁଘ୍ନ ମାଟି, ଶିକ୍ଷାବିତ ଡ. ସମୀର କୁମାର ସାହୁ, କବି ବାହାଦୂର ପାଟସାହାଣୀ, ନାଟ୍ୟକାର ଅରବିନ୍ଦ ସାହୁ, ମିଳିତ ବଜାର କମିଟିର ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ଶିକ୍ଷାବିତ ଡ଼. ରଜନୀକାନ୍ତ ତରାଇ, ଢେଙ୍କାନାଳ ବରା ଉନ୍ନୟନ ପରିଷଦର ସଭାପତି ପ୍ରସିତ କୁମାର ସାହୁ, ବିକାଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ଢେଙ୍କାନାଳ ବରାର ପ୍ରସାର ପ୍ରଚାର ନିମନ୍ତେ ଢେଙ୍କାନାଳର ବିଭିନ୍ନ ବରା ବ୍ୟବସାୟୀ, କାରିଗରଙ୍କୁ ନେଇ ମିଳିତ ସହଯୋଗରେ ସର୍ବସାଧାରଣଙ୍କ ନିମନ୍ତେ ସକାଳ ୮ ଘଟିକାରୁ ୧୦ ଟା ପର୍ଯ୍ୟନ୍ତ ସାମୂହିକ ବରାଖାଇ ଏହି ସ୍ୱତନ୍ତ୍ର ଦିବସକୁ ପାଳିବା ପାଇଁ ସ୍ଥିର କରାଗଲା । ଇଂ. ସୌମ୍ୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପାରମ୍ପରିକ ପୋଷାକ ଦିବସ ପାଳିତ

ଢେଙ୍କାନାଳ,୨।୪(ରତନ ନାୟାର)

ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଗୁରୁବାର ଦ୍ୱିତୀୟ ଦିବସରେ ଢେଙ୍କାନାଳରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ ଏହି ଦିବସ ପାଳିତ ହୋଇଛି । ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପରମ୍ପରିକ ପୋଷାକ ପରିଧାନ କରିଲେ। ଅନ୍ୟମାନଙ୍କୁ ଏହିଭଳି ପୋଷାକ ପିନ୍ଧିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରାଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଓଡିଶାର ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖାଯାଇଥିଲା ।


ପାରମ୍ପରିକ ପୋଷାକରେ ଅଧିକାରୀ ଓ କର୍ମଚାରୀ ।

# ଜାଭିୟର ଇଂଲିଶ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନ, ୨।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଜାଭିୟର ଇଂଲିଶ୍ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳନ କରିଯାଇଛି। ଭୁବନ ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଆମ ଅଞ୍ଚଳରେ ଗୌରବ ଆଣିବା ସହିତ କିପରି ଅଞ୍ଚଳର ଶିକ୍ଷାକୁ ଆଗକୁ ନେବାରେ ସହାୟକ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଡିଗ୍ରୀ କଲେଜ ଅଧକ୍ଷ ଦିଲୀପ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହି ଶିକ୍ଷା କିପରି ସମାଜ କାମରେ ଲାଗିବ ସେଥିପ୍ରତି ଅଭିଭାବକମାନେ ଅଧିକ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ବିଦ୍ୟାଳୟର ସମ୍ପାଦକ ଜିତେନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଏବିଓ ସୁମତି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଏଲୋରା ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଗହଣରେ ଛାତ୍ରୀମାନେ।

# କୁଞ୍ଜକାନ୍ତରେ ଝାମୁଯାତ୍ରା



ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଗୁରୁବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ପରେ ସୁନାର ମୁକୁଟ ଲାଗି କରାଯାଇଥିଲା। ଝାମୁଯାତ୍ରାରେ ବହୁ



ମାନସିକଧାରୀ ଶ୍ରଦ୍ଧାଳୁ ନିଆଁରେ ଚାଲୁଥିବା ଦେଖାଯାଇଥିଲା । ଝାମୁଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାତିରେ ଅପେରା ପାର୍ଟି ପକ୍ଷରୁ ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି ।

# ୧୨ କି.ମି. ପିଛାକରି ଗୋରୁଗାଡ଼ି ଧରିଲା ପୋଲିସ

ପରଜଙ୍ଗ, ୨।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ପୋଲିସ ପ୍ରାୟ ୧୨ କିଲୋମିଟର ରାସ୍ତା ଗୋଡ଼େଇ ଏକ ଗୋରୁ ଗାଡ଼ିକୁ ଧରିଛି। ଭାଲୁମୁଣ୍ଡା-ପଣ୍ଡୁଆ ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ ଭାବେ ଏକ ପିକ୍ଅପ୍‌ରେ ଗୋରୁ ବୋଝେଇ ହୋଇ ଯାଉଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଅଁଳାକଟା ଗ୍ରାମ ନିକଟ ରାସ୍ତା ପାଖ ଜଙ୍ଗଲରେ ରାତିରେ ଲୁଚି ରହିଥିଲା। ପିକ୍ଅପ୍‌ଟି ଦ୍ରୁତ ଗତିରେ ଯାଉଥିବାରୁ ପୋଲିସ ଅଟକାଇବା ସମ୍ଭବ ହୋଇନଥିଲା। କିନ୍ତୁ ଗାଡ଼ିର ପିଛା କରିଥିଲେ ସାଆନ୍ଦା ଫାଣ୍ଡି ଅଧିକାରୀ ଜଳନ୍ଧର ବାରିକ। ପ୍ରାୟ ୧୨ କିମି ପିଛା କରିବା ପରେ ଗୋଚାଲାଣକାରୀମାନେ ପାଣିଗେଙ୍ଗୁଟିଆ ଗାଁ ନିକଟସ୍ଥ ରାସ୍ତା ପାଖରେ ଗାଡି ଛାଡ଼ିଦେଇ ଜଙ୍ଗଲ ଆଡ଼କୁ ଫେରାର ହୋଇଯାଇଥିଲେ। ଗାଡ଼ିରୁ ୯ଟି ଗୋରୁ ଉଦ୍ଧାର କରାଯାଇଛି। ଏଥିସହିତ ଓଆର୧୧ଜେ-୬୦୬୩ ନମ୍ବର ବିଶିଷ୍ଟ ପିକ୍ଅପ୍‌କୁ ପୋଲିସ ଜବତ କରିଛି।

# ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଓଡ଼ିଶା ଦିବସ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ଓ ଜିଲା ବରିଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ଶାଣ୍ଡିବ୍ୟ ବସନ୍ତ ଭବନଠାରେ ଓଡ଼ିଶା ଦିବସ ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରହଲାଦ ତ୍ରିପାଠୀ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କର ମାନସ ସନ୍ତାନ ଥିଲା ଉତ୍କଳ ସମ୍ମିଳନୀ ବୋଲି ମତ ଦେଇଥିଲେ । ଜିଲା ଥିଙ୍କର୍ସ ଫୋରମର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ଗୋପବନ୍ଧୁ ଦାସଙ୍କ ସ୍ୱଦେଶ ପ୍ରୀତି ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀ ଓଡିଶାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମତ ରଖିଥିଲେ । ସମ୍ମାନିତ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଭାଷା ବଞ୍ଚିଲେ ଆମେ ବଞ୍ଚିବା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଥମେ ଅଧିବେଶନ ଜ୍ୟୋତିର୍ମୟୀ ନାଥଙ୍କ ସଂଯୋଜନାରେ ୩୫ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଲେଖକ ସଂସଦର କୋଷାଧ୍ୟକ୍ଷ ଶେଖ ଅବଦୁଲ ସଫିକ୍ କାର୍ଯ୍ୟକ୍ରମକୁ ସଂଯୋଜନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଯୋଗଦେଇଥିଲେ।

# ଜମିଲା କଳା, କଳାକାରଙ୍କ ଆସର


ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ତାଳଚେର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା**
■ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଝୁମିଲେ ଶ୍ରଦ୍ଧାଳୁ

ତାଳଚେର,୨।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବିଶ୍ୱ ପ୍ରସିଦ୍ଧ ବାର୍ଷିକ ଯାତ୍ରାର ଗୁରୁବାର ତୃତୀୟ ଦିବସରେରେ ଆୟୋଜିତ ଲୋକ ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଜମିଥିଲା କଳା ଓ କଳାକାରଙ୍କ ଆସର। ତାଳଚେରର ବିଭିନ୍ନ ଖଣି ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗଦେଇଥିବାବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ସହସ୍ରାଧିକ ଶ୍ରଦ୍ଧାଳୁ ବେଶ୍ ଝୁମିଥିଲେ।

ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ଏରିଆର ନୋଡାଲ ଜିଏମ୍ ଅଶୋକ କୁମାର ଧଳ ଯୋଗଦେଇ ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ଏରିଆ ଜିଏମ୍ ସୁବ୍ରତ କୁମାର ବିଶ୍ୱାଳ, ହିଙ୍ଗୁଳା ଏରିଆ ଜିଏମ୍ ସୁନୀଲ ବସନ୍ତରାଓ ଯୋଶୀ, ତାଳଚେର ଏରିଆ ଜିଏମ୍ ଇ.ଭି. ଚୌଧୁରୀ, ଭୁବନେଶ୍ୱରୀ ଏରିଆ ଜିଏମ୍ ଅଜୟ କୁମାର ସିଂହ, ସୁଭଦ୍ରା ଏରିଆ ଜିଏମ୍ ଏଚ୍.ଏସ୍. ସାଲୁଙ୍କେ, ସେଣ୍ଟ୍ରାଲ ୱାର୍କଶପ୍ ଜିଏମ୍ ଆର୍.ଆର୍. ନାୟକ, ଭରତପୁର ଏରିଆ ଜିଏମ୍ ଅକ୍ଷୟ କୁମାର ଦାସ ମଞ୍ଚାସୀନ ଥିଲେ। ଉପଜିଲାପାଳ ସାହୁ ମା' ହିଙ୍ଗୁଳାଙ୍କ ଅପାର କରୁଣା ଓ ଆଶୀର୍ବାଦ ଯୋଗୁ ହିଁ ଏହି ଭବ୍ୟଯାତ୍ରା ଓ ମହୋତ୍ସବ ଆୟୋଜନ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଧଳ ଏହି ବିଶାଳ ଯାତ୍ରା କେବଳ ମା' ହିଙ୍ଗୁଳାଙ୍କ ଦିବ୍ୟ ଆଦେଶ ଓ ଆଶୀର୍ବାଦର ଫଳ ବୋଲି କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଭକ୍ତି ସଙ୍ଗୀତ ଓ ଆଧୁନିକ ଗୀତରେ ଶ୍ରଦ୍ଧାଳୁମାନେ ବିଭୋର ହୋଇଥିଲେ। ଏହାପରେ ସ୍ଥାନୀୟ ଓ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଓଡ଼ିଶାର ସମୃଦ୍ଧ କଳା ପରମ୍ପରାକୁ ମଞ୍ଚରେ ଜୀବନ୍ତ କରିଥିଲା। ଏସଡିପିଓ ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀନେତା ପ୍ରକାଶ ମଲ୍ଲିକଙ୍କୁ ନିଃସର୍ତ୍ତ ଖଲାସ ଦାବି

ଅନୁଗୋଳ,୨।୪ (ଦିବ୍ୟଶାନ୍ତନୁ ନାଥ)



ଏଆଇକେକେଏମ୍ଏସ୍ ପକ୍ଷରୁ ପ୍ରତିବାଦ କରାଯାଉଛି।

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମଏସ୍)ର ସର୍ବ ଭାରତୀୟ ନେତା ପ୍ରକାଶ ମଲ୍ଲିକଙ୍କୁ ନିଃସର୍ତ୍ତ ଖଲାସ କରିବା, ଆନ୍ଦୋଳନକାରୀଙ୍କ ବିରୋଧରେ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବା ଆଦି ଦାବିରେ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ ଉପଲକ୍ଷେ ଅନୁଗୋଳ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇକେକେଏମଏସ୍‌ର ଜିଲା ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଉପସଭାପତି ନବକିଶୋର ପ୍ରଧାନ, ଅଫିସ ସମ୍ପାଦକ ସଞ୍ଜୟ ସାହୁ, ଜିଲା ସମ୍ପାଦକ ରଣଜିତ ପ୍ରଧାନ, ଉଦୟ ଭୋଇ, କୁମର ସାହୁ, ବେଣୁଧର ପ୍ରଧାନ, ହେମନ୍ତ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଡବଲ ଇଞ୍ଜିନ ସରକାର ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟର ଜମି, ଜଳ, ଜଙ୍ଗଲ ଓ ଖଣିଜ ସମ୍ପଦକୁ ଶାଗ ମାଛ ଦରରେ ଟେକିଦେଇ ଆଦିବାସୀମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରି ଦାଣ୍ଡର ଭିକାରୀରେ ପରିଣତ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ବିରୋଧରେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ରୁଜୁ କରି ଜେଲ ପଠାଇ ପ୍ରତିବାଦର କଣ୍ଠସ୍ୱର ଚାପି ଦିଆଯାଉଛି। ରାଜ୍ୟରେ ଥିବା ପତିତ ଅନାବାଦୀ ଜାଗାରେ ଶିଳ୍ପ ନ କରି ଉର୍ବର ବହୁଫସଲି ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ଏଆଇକେକେଏମଏସ୍ ପକ୍ଷରୁ ବିରୋଧ କରାଯାଇଥିଲା। ନିଯୁକ୍ତି ବିହୀନ କାରଖାନା ପ୍ରତିଷ୍ଠା ହେଲେ ଆଗାମୀ ଦିନରେ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦିଆଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଇଣ୍ଡା,୨।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର କର୍ମଚାରୀ ମହେଶ୍ୱର ରଣା ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ଚନ୍ଦ୍ର ଶେଖର ସିଂ, ଶୁଭ୍ରଶଶୀ ପ୍ରଧାନ, ତରଣୀସେନ ସାହୁ, ସୁମିତ୍ରା ସ୍ୱାଇଁ, ସନ୍ଧ୍ୟାରାଣୀ ରାଉଳ, ହାଡ଼ିବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ମହେଶ୍ୱରଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହେଶ୍ୱର ବଇଣ୍ଡା ଜନତା ମହାବିଦ୍ୟାଳୟରେ ୩୯ ବର୍ଷ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଛନ୍ତି।


ସମ୍ବର୍ଦ୍ଧନା ସଭାରେ ଅତିଥିମାନେ।

# ସାମାଜିକ ବାର୍ତ୍ତା ଦେଉଛି ଓଡ଼ିଆ ସଂସ୍କୃତି


ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ,୨।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ତରଫରୁ ସ୍ଥାନୀୟ ସୂଚନା କେନ୍ଦ୍ର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଭାପତି ତଥା ଆଇନଜୀବୀ ବିବେକାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ଓଡ଼ିଆ ସଂସ୍କୃତି ବିଶେଷକରି ଆଦିବାସୀ ସମ୍ପ୍ରଦାୟଙ୍କ ଜୀବନ ଶୈଳୀ, ସଂସ୍କୃତି, ପରମ୍ପରା ସମାଜକୁ ବହୁବିଧ ବାର୍ତ୍ତା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତି ରଞ୍ଜନ ବାଗ ଓ କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକ ଅଧ୍ୟକ୍ଷ ଦୀପେଶ ବାରିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଅମରଜିତ ପଣ୍ଡା କବିତା ଆବୃତ୍ତି କରିଥିଲେ। ବିଭୂତି ଭୂଷଣ ରଥ, ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମାର ସଙ୍ଗୀତ ପରିବେଷଣ କରିଥିଲେ। ସଙ୍ଗୀତଜ୍ଞ ପରମେଶ୍ୱର ପାତ୍ର, ଶିଳ୍ପୀ ରଣଜିତ ରଣା, ଚିତ୍ରଶିଳ୍ପୀ ଟୁକୁନୁ ବେହେରା, ଶିକ୍ଷକ ବାବୁଲି ଦେହୁରିଆ ପ୍ରମୁଖ ସହଯୋଗ କରିଥିବାବେଳେ ଖବରଦାତା ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ୟାଙ୍କର ଧକ୍କାରେ ଅପରେଟରଙ୍କ ମୃତ୍ୟୁ, ଉତ୍ତେଜନା

ତାଳଚେର,୨।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର କୋଲ୍ ଫିଲଡ୍ସ ଅନ୍ତର୍ଗତ ହିଙ୍ଗୁଳା କୋଇଲା ଖଣିରେ ବୁଧବାର ରାତିରେ ଦୁର୍ଘଟଣା ଘଟି ଜଣେ ଅପରେଟରଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, ଗୋପାଳପ୍ରସାଦ ପଞ୍ଚାୟତ କୁସୁମପାଳ ଗ୍ରାମର ଶ୍ରୀନିବାସ ଦେହୁରୀ ହିଙ୍ଗୁଳା ଖଣିରେ ଅପରେଟର ଭାବେ କାମ କରୁଥିଲେ। ସେ ରାତିରେ ବାଇକ୍ ଯୋଗେ ଡ୍ୟୁଟିକୁ ଯାଉଥିବାବେଳେ ଖଣିର ଟାଇମ୍ ଅଫିସ ନିକଟରେ ଏକ ପାଣି ଟ୍ୟାଙ୍କର ତାଙ୍କ ବାଇକ୍ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଶ୍ରୀନିବାସଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଜଣାପଡିବା ପରେ ଖଣି କର୍ମଚାରୀ ଓ ଗ୍ରାମବାସୀ ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦାବିରେ ଖଣି ବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଖଣିରେ ବାରମ୍ବାର ଦୁର୍ଘଟଣା ଘଟି ଶ୍ରମିକମାନଙ୍କ ଅକାଳ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ତେବେ ମୃତକଙ୍କ ପୁଅକୁ ଖଣିରେ ନିଯୁକ୍ତି ସହ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ପାଲଲହଡ଼ାରେ ଓଡ଼ିଆ ପକ୍ଷ ପାଳନ


ଉପଜିଲାପାଳଙ୍କ ନେତୃତ୍ୱରେ ଓଡ଼ିଆ ପକ୍ଷ ଉତ୍ସବ ପାଳନ କରାଯାଉଛି।

ପାଲଲହଡା,୨।୪(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡରେ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାଳୟରେ 'ଓଡ଼ିଆ ପକ୍ଷ ଉତ୍ସବ ପାଳନ କରାଯାଉଛି। ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଏହାକୁ ପରିଚାଳନା କରୁଛନ୍ତି। ୧ ଏପ୍ରିଲରେ ଓଡ଼ିଶା ଦିବସ, ୨ରେ ପାରମ୍ପରିକ ପୋଷାକ ଉତ୍ସବ ପାଳନ କରାଯାଇଛି। ୩ ତାରିଖରେ ପରିଚୟ ଉତ୍ସବ, ୪ ଏପ୍ରିଲରେ ଖଡିଛୁଆଁ ଓ ଓଡ଼ିଶା ନାମଫଳକ ଲେଖା ଅଭିଯାନ, ୫ରେ ଐତିହ୍ୟ ଗଣଦୌଡ଼, ୬ରେ ସ୍ୱଚ୍ଛତା ଅଭିଯାନ, ୭ ଏପ୍ରିଲରେ ଶିଶୁ କଥା ଦିବସ, ୮ରେ ରକ୍ତଦାନ ଅଭିଯାନ ଓ ୯ରେ ଆସ ବହି କିଣିବା ଅଭିଯାନ ଅନୁଷ୍ଠିତ ହେବ। ୧୦ ଏପ୍ରିଲରେ ଲୋକକଳା ପାଇଁ ଦିନଟିଏ, ୧୧ରେ ଅମୃତପିଢ଼ି ସାରସ୍ୱତ ସମାରୋହ, ୧୨ରେ ବନ୍ଦନୀୟ ବରପୁତ୍ର ଏବଂ ୧୩ରେ ଆମ ରୁଚି ଆମ ଖାଦ୍ୟ ଉତ୍ସବ ଆୟୋଜନ କରାଯିବ। ଉତ୍ସବର ଶେଷ ଦିନ ଅର୍ଥାତ୍ ୧୪ ଏପ୍ରିଲରେ ଓଡ଼ିଆ ନବବର୍ଷ ପାଳନ କରାଯିବ।

# ଅନୁଗୋଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଅନୁଗୋଳ,୨।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଓକିଲ ସଂଘ ନିର୍ବାଚନରେ ବିଜୟୀ ହୋଇଥିବା ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅପରାହ୍ନରେ କୋର୍ଟ ପରିସର ଓକିଲ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଗୋଳ କୋର୍ଟର ଜିଲାଜଜ୍ ଦାମୋଦର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ବାଚିତ ସଭାପତିଦିଲୀପ କୁମାର ସାହୁ, ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ନୂତନ ସଭାପତି ସାହୁ ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟ ଅତିଥି ଜିଲାଜଜ୍ ରଥ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ମହକିଲମାନଙ୍କ ସମସ୍ୟା ସମାଧାନରେ ସହଯୋଗ କରିବା ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ସଂଘର ଏକ ନୂତନ ଗୃହ ନିର୍ମାଣ ପାଇଁ କୋଟିଏ ଟଙ୍କାର ଏଷ୍ଟିମେଟ ହାଇକୋର୍ଟକୁ ପଠାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ପରମାନନ୍ଦ ମିଶ୍ର, ବସନ୍ତ ଦାସ, ଦୁର୍ଗା ଶଙ୍କର ମିଶ୍ର, ମହେନ୍ଦ୍ର ବହିଆ, ଭରତ ପଣ୍ଡା, ଉଦୟ ଶଙ୍କର ମିଶ୍ର, ଅଜିତ ବିଷୋୟୀ, ଭୂପେଶ ପ୍ରଧାନ, ଦିଲୀପ ଦାସ, ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ନାଥ, ରଜତ ଦାଶ, ହେମନ୍ତ ସାହୁ, ଗଣେଶ ସାହୁ, ରମେଶ ସାହୁ, ସୁଦୀପ ମିଶ୍ର, ଶତ୍ରୁଘ୍ନ ସାହୁ, ବିପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରୁଛନ୍ତି।

# ରାସ୍ତା ନିରୀକ୍ଷଣ କଲେ ଢେଙ୍କାନାଳ ଏମ୍‌ପି


ନିର୍ମାଣ ହେବାକୁ ଥିବା ରାସ୍ତା ସ୍ଥିତି ଅନୁଧ୍ୟାନ କରୁଛନ୍ତି ଢେଙ୍କାନାଳ ଏମ୍‌ପି।

ଅନୁଗୋଳ,୨।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବ୍ଲକ କୁମୁରସିଂହାଠାରୁ ଚମ୍ପୈତିମୁଣ୍ଡାକୁ ସଂଯୋଗ କରିବା ପାଇଁ ୮ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୭.୮ କି.ମି. ରାସ୍ତା ସ୍ଥିତି ଅନୁଧ୍ୟାନ କରିଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି। ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନଙ୍କ ସହ ଏମ୍‌ପି ପହଞ୍ଚି ନିର୍ମାଣ କାର୍ଯ୍ୟ କିପରି ଭଲ ଭାବରେ ହୋଇପାରିବ ଏବଂ ନିର୍ମାଣଜନିତ ସମସ୍ୟାର ନିରୀକ୍ଷଣ କରିଥିଲେ। ଉକ୍ତ ରାସ୍ତା ନିର୍ମାଣ ହେଲେ କୁମୁରସିଂହା, କାବୁଲିପାଳ, ସିଂହାଯୋଡ଼ି, ରଗୁଡ଼ିଆପଡା, ବଲ୍ଲହପୁର, ଚମ୍ପୈତିମୁଣ୍ଡା ଆଦି ଗ୍ରାମବାସୀ ଉପକୃତ ହେବା ସହ ଅନ୍ୟ ୧୦ରୁ ଅଧିକ ଗ୍ରାମବାସୀ ପରୋକ୍ଷରେ ଉପକୃତ ହେବେ। ଏଥିସହ କୁମୁରସିଂହା ଠାରୁ ବଡ଼କେରାର ଦୂରତା ପ୍ରାୟ ୧୦ କି.ମି. କମିଯିବ ଓ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ହେବ ବୋଲି ସ୍ଥାନୀୟ ବଲ୍ଲହପୁର ବାସିନ୍ଦା ପ୍ରକାଶ କରିବା ସହ ଏମ୍‌ପିଙ୍କୁ ଦେଖି ଖୁସି ପ୍ରକଟ କରିଥିଲେ।

# କୋଇଲା ଟ୍ରକ୍ ଚଳାଚଳକୁ ନେଇ ବଢୁଛି ଅସନ୍ତୋଷ

ଛେଣ୍ଡିପଦା,୨।୪ (ଅଜିତ ଧଳ)


ବାଗଡ଼ିଆ ଚନ୍ଦନପଡ଼ିଆଠାରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ ଶପଥ ନେଉଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦାରେ ଥିବା ନୈନି କୋଇଲା ଖଣିରୁ ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ କୋଇଲା ପରିବହନକୁ ବିରୋଧ କରି ଦିନକୁ ଦିନ ବିଭିନ୍ନ ଗାଁରେ ଅସନ୍ତୋଷ ତେଜିବାରେ ଲାଗିଛି। କୋଶଳା ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁ ଗତ ୫ ତାରିଖରୁ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘର ୬୩ଟି କୋଇଲା ବୋଝେଇ ଟ୍ରକ୍ ଅଟକି ରହିଥିବାବେଳେ କେତେଜଣ ଟ୍ରକ୍ ମାଲିକ ନିଜସ୍ୱ ଉଦ୍ୟମ କରି ବୁଧବାର ବିଳମ୍ବିତ ରାତିରେ ପ୍ରାୟ ୨୬ଟି ଟ୍ରକ୍‌କୁ ଅନ୍ୟ ରାସ୍ତାରେ ନେଇଥିଲେ। ଏହି ଟ୍ରକ୍‌ଗୁଡ଼ିକ ଛେଣ୍ଡିପଦାରୁ ପୋଡ଼ାପଡ଼ା, ବାଗଡ଼ିଆ, ଖମାର, ପାତ୍ରପଡ଼ା ଦେଇ ୫୫ ନଂ. ଜାତୀୟ ରାଜପଥର ହଣ୍ଡପାଠାରେ ବାହାରିଥିଲା। ଏହା ଜଣାପଡ଼ିବା ପରେ ଗୁରୁବାର ଅପରାହ୍ନରେ ୫ଟାବେଳେ ପାତ୍ରପଡ଼ା ଗ୍ରାମ ସଭାପତି ଗୋଲକ ବିହାରୀ ସାହୁଙ୍କ ନେତୃତ୍ୱରେ ହିଙ୍ଗୁଳା ମନ୍ଦିର ନିକଟସ୍ଥ ରାହାସ ମଣ୍ଡପଠାରେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ଗ୍ରାମବାସୀ ଟ୍ରକ ଚଳାଚଳକୁ ତୀବ୍ର ବିରୋଧ କରିଥିଲେ। ଗ୍ରାମ ରାସ୍ତା ଦେଇ ଟ୍ରକ୍ ଚଳାଚଳ କଲେ ରାସ୍ତା ଖାଲଖମା ହେବା ସହିତ ଅଞ୍ଚଳ ପ୍ରଦୂଷିତ ହେବ ଏବଂ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଅଭିଯୋଗ କରିଥିଲେ। ତେଣୁ ଗାଁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଗ୍ରାମ ମଧ୍ୟ ଦେଇ କୋଇଲା ପରିବହନ ହେଲେ ଦୃଢ଼ ବିରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବାଗଡ଼ିଆ ବଜାର ଦେଇ କୋଇଲା ଟ୍ରକ୍ ଚଳାଚଳକୁ ବିରୋଧ କରାଯିବ ବୋଲି ବାଗଡ଼ିଆ ଗ୍ରାମବାସୀ ଶପଥ ନେଇଛନ୍ତି। ଗ୍ରାମ ସଭାପତି ଦୁଃଶାସନ ବେହେରାଙ୍କ ନେତୃତ୍ୱରେ ବାଗଡ଼ିଆ ଚନ୍ଦନପଡ଼ିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାଗଡ଼ିଆ ବଜାର ଓ ଥାନା ସମ୍ମୁଖ ରାସ୍ତା ଦେଇ କୋଇଲା ଟ୍ରକ୍ ଚଳାଚଳ କରାଇ ଦିଆଯିବନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବାଗଡ଼ିଆର ପୂର୍ବତନ ସଭାପତି ବିଜୟ କୁମାର ପ୍ରଧାନ, ବୁଦ୍ଧଦେବ ବେହେରା, ସରୋଜ କୁମାର ସାହୁ, ନିଶିକାନ୍ତ ବେହେରା, ମୋତିଲାଲ ଦେହୁରୀ, ବସନ୍ତ କୁମାର ସାହୁ, ଇନ୍ଦ୍ରମଣି ସାହୁ, ଅନନ୍ତ ଚରଣ ସାହୁ, ତନିଷ କୁମାର ସାହୁ, ଦେବାର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

# ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

ଛେଣ୍ଡିପଦା,୨।୪(ଅଜିତ ଧଳ)


ଟ୍ରକ୍ ରଖାଯାଇ ୬୩ନଂ. ରାଜ୍ୟ ରାଜପଥ ଅବରୋଧ କରାଯାଇଛି।

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କୋଇଲା ପରିବହନକୁ ବିରୋଧ କରି କୋଶଳା ଗ୍ରାମବାସୀ ଚଳାଇଥିବା ଆନ୍ଦୋଳନର ସମାଧାନ ହୋଇପାରୁ ନାହିଁ। ଫଳରେ ଗତ ୨୬ ଦିନ ଧରି ୬୩ଟି କୋଇଲା ବୋଝେଇ ଟ୍ରକ୍ ଅଟକି ରହିଥିବାରୁ ଆର୍ଥିକ କ୍ଷତି ବଢୁଥିବା ଅଭିଯୋଗ କରି ଗୁରୁବାର ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ସଭାପତି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ଟ୍ରକ୍ ମାଲିକମାନେ ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ।

ସଂଘ ସଭାପତି ବେହେରା କହିଛନ୍ତି, ୬୩ନଂ. ରାଜ୍ୟ ରାଜପଥରେ କୋଇଲା ପରିବହନକୁ ବିରୋଧକରି କୋଶଳା ଗ୍ରାମବାସୀ ଗତ ମାର୍ଚ୍ଚ ୫ ତାରିଖଠାରୁ କୋଶଳା ଚନ୍ଦନନଗରଠାରେ ଗଣଧାରଣା ଦେଇଛନ୍ତି। ଫଳରେ ସେବେଠାରୁ କୋଇଲା ବୋଝେଇ ହୋଇ ଯାଇଥିବା ୬୩ଟି ଟ୍ରକ୍ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପାର୍କିଂ ପଡ଼ିଆରେ ଛିଡ଼ାହୋଇ ରହିଛି। ଏଥିଯୋଗୁ ଟ୍ରକ୍ ମାଲିକମାନେ ଆର୍ଥିକ କ୍ଷତି ସହୁଛନ୍ତି। ଏ ନେଇ ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନସ୍ତରରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସମାଧାନର କୌଣସି ସୂତ୍ର ବାହାରୁ ନାହିଁ। ତେଣୁ ବାଧ୍ୟ ହୋଇ ଟ୍ରକ୍ ରଖି ରାଜପଥ ଅବରୋଧ କରାଯାଇଥିଲା। ଖବରପାଇ ଛେଣ୍ଡିପଦା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାଜପଥରୁ ଆନ୍ଦୋଳନ ହଟିଥିଲା। ଏହାପରେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟକୁ ଯାଇ କୋଶଳା ଗ୍ରାମକୁ ବିଦ୍ୟୁତ୍ ସେବା ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଛେଣ୍ଡିପଦା ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ କହିଛନ୍ତି, କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ଅଟକି ରହିଥିବାରୁ ଟ୍ରକ୍ ମାଲିକମାନଙ୍କ ମନ ଅଶାନ୍ତ ରହିଛି। ତେବେ ବୁଝାଶୁଝା ପରେ ଆନ୍ଦୋଳନ ହଟିଥିଲା, ସ୍ଥିତି ଶାନ୍ତ ରହିଛି। ତେବେ ଅଟକିଥିବା ୬୩ଟି କୋଇଲା ବୋଝେଇ ଟ୍ରକ୍ ମଧ୍ୟରୁ ୨୬ ଟ୍ରକ୍‌କୁ ନିଜସ୍ୱ ଉଦ୍ୟମରେ ଅନ୍ୟ ରାସ୍ତାରେ ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

